# Conversation between Special Representatives of India and China on recent developments on the India-China border areas

July 06, 2020

# ଭାରତ- ଚୀନ୍ ର ସୀମାବର୍ତ୍ତୀ ଅଞ୍ଚଳରେ ସାମ୍ପ୍ରତିକ ବିକାଶ ଉପରେ ଭାରତ ଏବଂ ଚୀନର ବିଶେଷ ପ୍ରତିନିଧିଙ୍କ ମଧ୍ୟରେ କଥାବାର୍ତ୍ତା

ଜୁଲାଇ 06, 2020

1. ସୀମାଜନିତ ପ୍ରଶ୍ନ ଉପରେ ଭାରତ ଏବଂ ଚୀନ୍‌ର ବିଶେଷ ପ୍ରତିନିଧୀ - ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲ ଏବଂ ଚୀନର ରାଜ୍ୟ କାଉନସିଲର୍ ଏବଂ ବିଦେଶ ମନ୍ତ୍ରୀ ଶ୍ରୀ ୱାଙ୍ଗ ୟି 5 ଜୁଲାଇ 2020 ରେ ଟେଲିଫୋନ୍ ରେ କଥାବାର୍ତ୍ତା କରିଥିଲେ। ଦୁଇ ବିଶେଷ ପ୍ରତିନିଧୀ ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳର ପଶ୍ଚିମୀ କ୍ଷେତ୍ରରେ ହାଲରେ ହୋଇଥିବା ବିକାଶ ଉପରେ ସ୍ପଷ୍ଟ ଏବଂ ଗଭୀର ଭାବରେ ଭାବ ବିନିମୟ କରିଥିଲେ।

2. ଦୁଇ ଜଣ ବିଶେଷ ପ୍ରତିନିଧୀ ଏହି କଥାରେ ସହମତ ହେଲେ ଯେ , ଆମର ଦ୍ୱିପକ୍ଷୀୟ ସମ୍ପର୍କର ପରବର୍ତ୍ତୀ ବିକାଶ ପାଇଁ ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ବଜାୟ ରଖିବା ଉଭୟ ନେତାଙ୍କ ସହମତି ଅନୁସାରେ ମାର୍ଗଦର୍ଶନ କରିବା ଉଚିତ ଏବଂ ଉଭୟ ପକ୍ଷ ଦ୍ୱନ୍ଦ୍ୱକୁ ବିବାଦରେ ପରିଣତ କରି ବଢ଼ାଇବା ଉଚିତ୍ ନୁହେଁ। ତେଣୁ , ସେମାନେ ଏଲଏସି ପାଖରେ ଥିବା ସୈନିକ ମାନଙ୍କୁ ଶୀଘ୍ର ସଂପୂର୍ଣ୍ଣ ଭାବରେ ହଟାଇବା ଏବଂ ଶାନ୍ତିର ପୁନଃ ସ୍ଥାପନା ପାଇଁ ଭାରତ-ଚୀନ ସୀମାବର୍ତ୍ତି ଅଞ୍ଚଳରେ ଆମନା ସାମନା ହେବାର ସ୍ଥିତିକୁ ସମ୍ଭାଳିବା ଉପରେ ଜୋର ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସେମାନେ ଆହୁରି ମଧ ସହମତ ହୋଇଥିଲେ ଯେ ଉଭୟ ପକ୍ଷକୁ ଏଲଏସି ପାଖରେ ଥିବା ସୈନିକ ମାନଙ୍କୁ ହଟେଇବା ପ୍ରକ୍ରିୟାକୁ ଶୀଘ୍ରତାର ସହିତ ପୁରା କରିବା ଉଚିତ। ଭାରତ-ଚୀନ ସୀମାବର୍ତ୍ତୀ ଅଞ୍ଚଳରେ ଉଭୟ ପକ୍ଷ ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ହଟାଇବାକୁ ମଧ ସୁନିଶ୍ଚିତ କରିବେ। ସେମାନେ ପୁଣି ସହମତି ବ୍ୟକ୍ତ କରିଛନ୍ତି ଯେ ଉଭୟ ପକ୍ଷ ପ୍ରକୃତ ନିୟନ୍ତ୍ରଣର ରେଖାକୁ ଉଲ୍ଲଂଘନ କରିବେ ନାହିଁ ଏବଂ କୌଣସି ମଧ ପକ୍ଷ ସେଠାରେ ଯଥାସ୍ଥିତିକୁ ବଦଳିବା ପାଇଁ କୌଣସି ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ନୁହେଁ ଏବଂ ଏହା ଛଡ଼ା ଉଭୟ ପକ୍ଷ ରାଜି ହୋଇଛନ୍ତି ଯେ , ଏଭଳି କୌଣସି ମଧ ଘଟଣାରୁ ବଞ୍ଚିବା ପାଇଁ ମିଳିମିଶି କାମ କରିବା ଉଚିତ ଯାହାକି ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତିକୁ ଭଙ୍ଗ କରିପାରେ।
3. ଦୁଇ ଜଣ ବିଶେଷ ପ୍ରତିନିଧୀ ଏହି କଥାରେ ଏକମତ ହୋଇଥିଲେ ଯେ ଉଭୟ ପକ୍ଷର ରାଜନୈତିକ ତଥା ସୈନ୍ୟ ଅଧିକାରୀମାନଙ୍କୁ ଭାରତ-ଚୀନ୍ ସୀମା ଘଟଣା (ଡବ୍ଲୁ୍ୟଏମସିସି)

ଉପରେ ପରାମର୍ଶ ଏବଂ ସମନ୍ୱୟ ପାଇଁ କାର୍ଯ୍ୟ ମେକାନିଜିମ୍ ର ଢାଞ୍ଚା ଅନ୍ତର୍ଗତ ନିଜର ଆଲୋଚନା ଗୁଡ଼ିକୁ ଜାରି ରଖିବା ଉଚିତ ଏବଂ ଉପରୋକ୍ତ ଫଳାଫଳ ଗୁଡ଼ିକୁ ହାସଲ କରିବା ପାଇଁ ବୁଝାମଣାକୁ ସମୟାନୁକୂଳବର୍ତ୍ତୀ ଉପାୟରେ ଲାଗୁ କରିବା ଉଚିତ। ଏହା ସହିତ ଏଥିରେ ମଧ୍ୟ ରାଜି ହୋଇଥିଲେ ଯେ ଉଭୟ ବିଶେଷ ପ୍ରତିନିଧି ଦ୍ୱିପକ୍ଷୀୟ ଚୁକ୍ତିନାମା ଏବଂ ପ୍ରୋଟୋକଲ ଅନୁସାରେ ଭାରତ-ଚୀନ୍ ସୀମାବର୍ତ୍ତୀ ଅଞ୍ଚଳରେ ଶାନ୍ତି ଏବଂ ସ୍ଥାୟୀ ପୁନରୁଦ୍ଧାରକୁ ସୁନିଶ୍ଚିତ କରିବା ପାଇଁ ନିଜର କଥାବାର୍ତ୍ତାକୁ ଜାରି ରଖିବେ।

**ନୂଆ ଦିଲ୍ଲୀ**
**ଜୁଲାଇ 06, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.